# ॥ ଶ୍ରୀମଦ୍ଭଗବଦ୍ଗୀତା ଶୁଦ୍ଧ ଉଚ୍ଚାରଣ ମାର୍ଗଦର୍ଶିକା - ସ୍ତର ୨ ॥

## ବର୍ଣ୍ଣସ୍ଥାନ ଏବଂ ସେଗୁଡିକର ଉଚ୍ଚାରଣ -

- ସଂସ୍କୃତ ଭାଷା ରେ ବର୍ଣ୍ଣଗୁଡିକର ଉଚ୍ଚାରଣ ସ୍ଥାନ ଅତ୍ୟନ୍ତ ବିଚାରପୂର୍ବକ ସୁନିଶ୍ଚିତ କରାଯାଇ ଅଛି। ଯେକୌଣସି ବର୍ଣ୍ଣ ର ଉଚ୍ଚାରଣ ପାଇଁ ମୁଖ ର ବିଶିଷ୍ଟ ସ୍ଥାନଗୁଡିକର ଉପଯୋଗ କରାଯାଇଥାଏ। ଉଦାହରଣ: କଣ୍ଠ, ତାଳୁ, ମୂର୍ଦ୍ଧା ଇତ୍ୟାଦି। ଯେଉଁ ସ୍ଥାନରୁ ବର୍ଣ୍ଣ ର ଉଚ୍ଚାରଣ କରାଯାଏ ସେହି ସ୍ଥାନ ଦ୍ୱାରା ଉକ୍ତ ବର୍ଣ୍ଣ ମଧ୍ୟ ପରିଚିତ ହୁଏ, ଯେପରି କଣ୍ଠ ରୁ ଉଚ୍ଚାରିତ ହେଉଥିବାରୁ 'କ' ବର୍ଗ ର ପ୍ରତ୍ୟେକ ବର୍ଣ୍ଣ "କଣ୍ଠ୍ୟ" କୁହାଯିବ। ଏହି ବର୍ଣ୍ଣ ତଥା ଏଗୁଡିକର ସ୍ଥାନ ନିମ୍ନ ଚିତ୍ରରେ ଦିଆଯାଇ ଅଛି।

- 'ସ୍', 'ଶ୍' ଏବଂ 'ଷ୍'; ଏଗୁଡିକ କ୍ରମଶଃ 'ଦନ୍ତ୍ୟ', 'ତାଲବ୍ୟ' ଏବଂ 'ମୂର୍ଦ୍ଧନ୍ୟ' ବର୍ଣ୍ଣ ଅଟନ୍ତି। ଏଗୁଡିକର ଉଚ୍ଚାରଣ ସେହିପରି କରନ୍ତୁ ଯେପରି ଏହି ସମାନ ବର୍ଗ ଅନ୍ତର୍ଗତ ଅନ୍ୟ ବର୍ଣ୍ଣଗୁଡିକର କରାଯାଏ।
  **# ଧ୍ୟାନ ରଖନ୍ତୁ କି ଯେଉଁ ବର୍ଣ୍ଣ ର ଯେଉଁ ସ୍ଥାନ ଅଟେ, ସେହି ସ୍ଥାନ ର ଉପଯୋଗ କରି କରାଯାଉଥିବା ଉଚ୍ଚାରଣ ହିଁ ଉଚିତ୍ ଅଟେ।**

- **ଅକୁହବିସର୍ଜନୀୟାନାଂ କଣ୍ଠଃ**
  **କଣ୍ଠ** – ଅ, ଆ, କ୍ ବର୍ଗ , ହ୍, ବିସର୍ଗ(ଃ)
- **ଇଚୁୟଶାନାଂ ତାଲୁ**
  **ତାଲୁ** – ଇ, ଈ, ଚ୍ ବର୍ଗ, ୟ୍, ଶ୍
- **ଋଟୁରଷାଣାଂ ମୂର୍ଦ୍ଧା**
  **ମୂର୍ଦ୍ଧା** – ଋ, ଟ୍ ବର୍ଗ, ର୍, ଷ୍
- **ଳୃତୁଲସାନାଂ ଦନ୍ତାଃ**
  **ଦନ୍ତ** – ଳୃ, ତ୍ ବର୍ଗ, ଲ୍, ସ୍
- **ଉପୂପଧ୍ମାନୀୟାନାମୋଷ୍ଠୌ**
  **ଓଷ୍ଠ** – ଉ, ଊ, ପ୍ ବର୍ଗ, ଉପଧ୍ମାନୀୟ ପ*, ଫ*
- **ଐଦୈତୋଃ କଣ୍ଠତାଲୁ**
  **କଣ୍ଠ-ତାଲୁ** – ଏ, ଐ
- **ଔଦୌତୋଃ କଣ୍ଠୋଷ୍ଠମ୍**
  **କଣ୍ଠ-ଓଷ୍ଠ** – ଓ, ଔ
- **ଞମଙଣନାନାଂ ନାସିକା ଚ**
  **ମୁଖ-ନାସିକା** – ଙ୍, ଞ୍, ଣ୍, ନ୍, ମ୍
- **ୱକାରସ୍ୟ ଦନ୍ତୋଷ୍ଠମ୍**
  **ଦନ୍ତ-ଓଷ୍ଠ** – ୱ୍
- **ଜିହ୍ୱାମୂଲୀୟସ୍ୟ ଜିହ୍ୱାମୂଲମ୍**
  **ଜିହ୍ୱାମୂଳ** – ଜିହ୍ୱାମୂଳୀୟ କ*, ଖ*
- **ନାସିକାଽନୁସ୍ୱାରସ୍ୟ**
  **ନାସିକା** – ଅନୁସ୍ୱାର(ଂ)





ଗୀତା ପରିବାର ସାହିତ୍ୟ ର ଉପଯୋଗ ଅନ୍ୟ କୌଣସି ସ୍ଥାନରେ କରିବା ନିମନ୍ତେ ପୂର୍ବାନୁମତି ଆବଶ୍ୟକ । ଅନୁମତି ପାଇଁ ପୂର୍ଣ୍ଣ ପ୍ରୟୋଜନ consent@learngeeta.com ରେ ଆମ୍ଭଙ୍କୁ ମେଲ୍ କରନ୍ତୁ ।

## ଅବଗ୍ରହ –

- ଅବଗ୍ରହ (ଖଣ୍ଡ 'ଓ'କାର) **'ऽ'** କେବଳ ଏକ ଚିହ୍ନ ଅଟେ ଯାହା ଲୁପ୍ତ ହୋଇଥିବା 'ଅକାର'(ଅ) କୁ ସୂଚିତ କରେ। ଏହାର ସ୍ୱତନ୍ତ୍ର ଭାବରେ କୌଣସି ଉଚ୍ଚାରଣ ନାହିଁ। ଅବଗ୍ରହ ନିତ୍ୟ 'ଏ', 'ଓ' ଅଥବା 'ଆ', ଏହି ସ୍ୱର ପରେ ହିଁ ଆସିଥାଏ।

## ଶ୍ରୀମଦ୍ଭଗବଦ୍ଗୀତା ରେ ପ୍ରଯୁକ୍ତ ଛନ୍ଦ –

- ସଂସ୍କୃତରେ ଅନେକ ପ୍ରକାରର ଛନ୍ଦ ଥିଲେ ମଧ୍ୟ ଶ୍ରୀମଦ୍ଭଗବଦ୍ଗୀତା ରେ କେବଳ ଦୁଇ ପ୍ରକାରର ୧) ଅନୁଷ୍ଟୁପ୍  ୨) ତ୍ରିଷ୍ଟୁପ୍ ଛନ୍ଦର ଉପଯୋଗ ହୋଇଅଛି। ଅନୁଷ୍ଟୁପ୍ ରେ ମୋଟ୍ ୩୨ ଅକ୍ଷର ଥାଏ ଯେଉଁଥିରେ କି ପ୍ରତ୍ୟେକ ଚରଣରେ ମୋଟ୍ ୮ ଅକ୍ଷର ଥାଏ। ତ୍ରିଷ୍ଟୁପ୍ ରେ ମୋଟ୍ ୪୪ ଅକ୍ଷର ଥାଏ ଯେଉଁଥିରେ ପ୍ରତ୍ୟେକ ଚରଣରେ ୧୧ ଅକ୍ଷର ଥାଏ। ଏହି ୮ ଏବଂ ୧୧ ଅକ୍ଷର ପରେ ପ୍ରତ୍ୟେକ ଚରଣରେ ବିଶ୍ରାମ ନେବାକୁ ହିଁ ଛନ୍ଦ:ଶାସ୍ତ୍ର ରେ **'ଯତି'** କୁହାଯାଏ।

  **# ଧ୍ୟାନ ରଖନ୍ତୁ କି ସମ୍ପୂର୍ଣ୍ଣ ଗୀତା ରେ ପାଞ୍ଚଟି ସ୍ଥାନରେ ଅପବାଦସ୍ୱରୂପ (୧୧/୧, ୨/୬, ୨/୨୯, ୮/୧୦, ୧୫/୩) କୌଣସି କୌଣସି ଚରଣରେ ନିୟମିତ ଅକ୍ଷର ଠାରୁ ଗୋଟିଏ ଅକ୍ଷର କମ୍ କିମ୍ବା ବେଶି ଦେଖିବାକୁ ମିଳେ।**

## ହଳନ୍ତ ଯୁକ୍ତ ସକାର(ସ୍) ରୁ ଆରମ୍ଭ ହୋଇଥିବା ଶବ୍ଦଗୁଡିକର ଉଚ୍ଚାରଣ ବିଷୟକ ନିୟମ

- ଯେକୌଣସି ଶବ୍ଦର ଆରମ୍ଭ ଯଦି ହଳନ୍ତ 'ସ୍' (ସ୍ୱର ରହିତ) ରେ ହୋଇଥାଏ ତେବେ ମନେ ରଖିବେ ଯେ ଏହା ପୂର୍ବରୁ କୌଣସି ସ୍ୱର ର ଉଚ୍ଚାରଣ କରାଯିବ ନାହିଁ। ପ୍ରାୟତଃ '**ସ୍ଥାନ**' ଜାଗାରେ କେହି କେହି '**ଇସ୍ଥାନ**' କହିଦିଅନ୍ତି ଯାହାକି ଉଚିତ୍ ନୁହେଁ।

## ଆଘାତ ନିୟମ ର ବିଶେଷ ବିସ୍ତାର

- 'ଦ୍' କିମ୍ବା 'ୟ' ର ସଂଯୋଗ 'ଦ୍ୟ' ଅଟେ ତଥା 'ଦ୍', 'ଧ୍' ଏବଂ 'ୟ' ଏହି ତିନି ବ୍ୟଞ୍ଜନ ର ସଂଯୋଗ 'ଦ୍ଧ୍ୟ' ଅଟେ। ପ୍ରଥମ ସଂଯୋଗରେ କେବଳ ଦୁଇଟି  ବ୍ୟଞ୍ଜନ ଅଛି ଏବଂ ଦ୍ୱିତୀୟ  ସଂଯୋଗରେ ତିନୋଟି ବ୍ୟଞ୍ଜନ ଅଛି। ଦୁଇଟିଯାକ ସଂଯୋଗର ଉଚ୍ଚାରଣ ଆଘାତ ନିୟମ ଅନୁସାରେ ହିଁ ହେବ।
- ଆଘାତ ନିୟମ ଅନୁସାରେ ଆମେ ସଂଯୁକ୍ତ ବର୍ଣ୍ଣ ର ପ୍ରଥମ ବର୍ଣ୍ଣ କୁ ଦ୍ୱିତ୍ୱ କରି ପଢୁ। ଏହି ଦ୍ୱିତ୍ୱ ପ୍ରକ୍ରିୟାରେ ଦ୍ୱିତ୍ୱ କରିବା ପରେ ଯଦି ସେହି ବର୍ଣ୍ଣ ବର୍ଗର ଦ୍ୱିତୀୟ ବର୍ଣ୍ଣ ହୋଇଥାଏ ତେବେ ଦ୍ୱିତ୍ୱ କରାଯାଇଥିବା ବର୍ଣ୍ଣଦୁଇଟି ମଧ୍ୟରୁ ପ୍ରଥମ ବର୍ଣ୍ଣ ସେହି ବର୍ଗର ପ୍ରଥମ ବର୍ଣ୍ଣ ରେ ପରିବର୍ତ୍ତିତ ହୋଇଯାଏ ଏବଂ ଯଦି ଏହା ଚତୁର୍ଥ ବର୍ଣ୍ଣ ହୋଇଥାଏ ତେବେ ଏହା ତୃତୀୟ ବର୍ଣ୍ଣ ରେ ପରିବର୍ତ୍ତିତ ହୋଇଯାଏ। ଯଦି ସଂଯୁକ୍ତ ବର୍ଣ୍ଣ ର ପ୍ରଥମ ବର୍ଣ୍ଣ ନିଜ ବର୍ଗ ର ପ୍ରଥମ କିମ୍ବା ତୃତୀୟ ବର୍ଣ୍ଣ ହୋଇଥାଏ ତେବେ ତାହା ଯେମିତି କୁ ସେମିତି ରହିଯାଏ, ସେଥିରେ ସେହି ବର୍ଣ୍ଣ ର ଦ୍ୱିତ୍ୱ ହେବ। ଉଦାହରଣ -
  - ଅକ୍ଷର = ଅ କ୍ ଷର > ଅ କ୍ କ୍ ଷର  = ଅକ୍କ୍ଷର
  - ବ୍ୟାଖ୍ୟା = ବ୍ୟା ଖ୍ ୟା > ବ୍ୟା ଖ୍ ଖ୍ ୟା > ବ୍ୟା କ୍ ଖ୍ ୟା = ବ୍ୟାକ୍ଖ୍ୟା
  - ବିଦ୍ଧି = ବି ଦ୍ ଧି > ବି ଦ୍ ଦ୍ ଧି = ବିଦ୍ଦ୍ଧି
  - ଯୁଧ୍ୟତି = ଯୁ ଧ୍ ୟତି > ଯୁ ଧ୍ ଧ୍ ୟତି > ଯୁ ଦ୍ ଧ୍ ୟତି = ଯୁଦ୍ଧ୍ୟତି

- କେତେକ ସ୍ଥାନରେ ସ୍ୱର ପରେ ସଂଯୁକ୍ତ ବର୍ଣ୍ଣ ଥାଇ ବି ଅପବାଦ ନିୟମ ଅନୁସାରେ ଆଘାତ ଦିଆଯାଇନାହିଁ ଯେମିତି କି ଗୋଟିଏ ବର୍ଣ୍ଣ ଦୁଇଥର ଆସିବାରୁ, ତିନୋଟି ବ୍ୟଞ୍ଜନ ସଂଯୁକ୍ତ ହେବାରୁ, ରେଫ୍ (ଉପର ର୍) କିମ୍ବା ହକାର ଆସିବାରୁ ଇତ୍ୟାଦି। ଯେଉଁ ସ୍ଥାନରେ ଆଘାତ ଚିହ୍ନ ନାହିଁ ସେଠାରେ ଆଘାତ ବିନା ହିଁ ଅଭ୍ୟାସ କରନ୍ତୁ।

  **# ଧ୍ୟାନ ରଖନ୍ତୁ କି ସଂଯୁକ୍ତ ବର୍ଣ୍ଣ ରେ ପ୍ରଥମ ବର୍ଣ୍ଣ, ବର୍ଗଗୁଡିକର ପ୍ରଥମ ଚାରି ବର୍ଣ୍ଣ ଠାରୁ ଅତିରିକ୍ତ ହୋଇଥିଲେ ସଂଯୁକ୍ତ ବର୍ଣ୍ଣ ର ସେହି ପ୍ରଥମ ବର୍ଣ୍ଣ ର ଦ୍ୱିତ୍ୱ ହୋଇଥାଏ।**


*ଗୀତା ପରିବାର ସାହିତ୍ୟ ର ଉପଯୋଗ ଅନ୍ୟ କୌଣସି ସ୍ଥାନରେ କରିବା ନିମନ୍ତେ ପୂର୍ବାନୁମତି ଆବଶ୍ୟକ । ଅନୁମତି ପାଇଁ ପୂର୍ଣ୍ଣ ପ୍ରୟୋଜନ consent@learngeeta.com ରେ ଆମ୍ଭଙ୍କୁ ମେଲ୍ କରନ୍ତୁ ।*

# ସନ୍ଧି-ନିୟମ

ଦୁଇଟି ବର୍ଣ୍ଣ ଏକାସାଙ୍ଗରେ ଆସିଲେ ସନ୍ଧି ହୋଇଥାଏ। ଯଦି ଏକାସାଙ୍ଗରେ ଆସିବାକୁ ଥିବା ବର୍ଣ୍ଣ ସ୍ୱର ହୋଇଥାଏ ତେବେ ସେହି ସନ୍ଧି ସ୍ୱରସନ୍ଧି, କୌଣସି ଗୋଟିଏ ବ୍ୟଞ୍ଜନ ହୋଇଥିଲେ ବ୍ୟଞ୍ଜନ ସନ୍ଧି, ଅନୁସ୍ୱାର ସ୍ଥାନରେ ଯଦି ପରିବର୍ତ୍ତନ ଆସୁଥାଏ ତେବେ ଅନୁସ୍ୱାର ସନ୍ଧି ଏବଂ ବିସର୍ଗ ସ୍ଥାନରେ ଯଦି ପରିବର୍ତ୍ତନ ଆସୁଥାଏ ତେବେ ବିସର୍ଗ ସନ୍ଧି କୁହାଯାଏ। ସନ୍ଧି ହେଲେ ଏକାସାଙ୍ଗରେ ଆସୁଥିବା ବର୍ଣ୍ଣଗୁଡିକ ମଧ୍ୟରୁ କୌଣସି ଗୋଟିଏ କିମ୍ବା ବେଳେବେଳେ ଦୁଇଟିଯାକ ବର୍ଣ୍ଣରେ ପରିବର୍ତ୍ତନ ହୋଇଯାଏ। ସେହି ପରିବର୍ତ୍ତନ କ'ଣ ଏବଂ କିପରି ହୋଇଥାଏ ଏହା ଆମେ ଏହି ନିୟମଗୁଡିକରେ ଜାଣିପାରିବା।

## ବିସର୍ଗ ସନ୍ଧି

ବିସର୍ଗ ସନ୍ଧି ବିସର୍ଗ ପୂର୍ବରୁ ଏବଂ ପରେ ଥିବା ବର୍ଣ୍ଣଗୁଡିକ ଆଧାରରେ ହୋଇଥାଏ। ଅତଃ ବିସର୍ଗ ବିଷୟରେ ଯାହା ବି ପରିବର୍ତ୍ତନ ହୋଇଥାଏ ସେଥିରେ ପୂର୍ବ ଏବଂ ପରବର୍ତ୍ତୀ ବର୍ଣ୍ଣଗୁଡିକର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

୧. ଯଦି ବିସର୍ଗ ର ପୂର୍ବ ବର୍ଣ୍ଣ **'ଅ'** ଏବଂ ପରବର୍ତ୍ତୀ ବର୍ଣ୍ଣ **'ଅ'** କିମ୍ବା କୌଣସି ବି **ମୃଦୁ ବର୍ଣ୍ଣ** (ଗ,ଘ,ଜ,ଝ,ଡ,ଢ,ଦ,ଧ,ବ,ଭ,ୟ,ର,ଲ,ୱ,ହ, ସମସ୍ତ ଅନୁନାସିକ) ଥାଏ ତେବେ ବିସର୍ଗ ଏବଂ ଏହାର ପୂର୍ବବର୍ଣ୍ଣ ରେ ପରିବର୍ତ୍ତନ ହୋଇ ସେହି ଦୁଇଟି ସ୍ଥାନରେ **'ଓ'** ଆଦେଶ ହୋଇଯାଏ।

**# ଧ୍ୟାନ ରଖନ୍ତୁ କି ବିସର୍ଗ ର ପରବର୍ତ୍ତୀ ବର୍ଣ୍ଣ 'ଅ' ହେଲେ ବିସର୍ଗ ଏବଂ ଏହାର ପୂର୍ବବର୍ତ୍ତୀ 'ଅକାର' ସ୍ଥାନରେ 'ଓକାର' କରିବା ପରେ ସେହି ପରବର୍ତ୍ତୀ 'ଅକାର' ର 'ଅବଗ୍ରହ' (ଽ)/(ऽ) ରେ ପରିବର୍ତ୍ତନ ହୋଇଯାଏ। ଅର୍ଥାତ୍ ତାହା ଲୁପ୍ତ ହୋଇଯାଏ ଏବଂ ସେ ସ୍ଥାନରେ ଅବଗ୍ରହ ଆସିଯାଏ।**

| ପୂର୍ବ ବର୍ଣ୍ଣ | ବିସର୍ଗ | ପରବର୍ତ୍ତୀ ବର୍ଣ୍ଣ | ବିସର୍ଗ ର ପରିବର୍ତ୍ତିତ ରୂପ | ଉଦାହରଣ |
|---|---|---|---|---|
| ଅ | ଃ | ଅ/ ମୃଦୁବ୍ୟଞ୍ଜନ | ଓ/ଓଽ(ऽ) | **ଦର୍ପଃ+ଅଭିମାନଶ୍ଚ = ଦର୍ପୋଽଭିମାନଶ୍ଚ** (16/4)<br>**ଚେତ୍ସୁଦୁରାଚାରଃ +ଭଜତେ = ଚେତ୍ସୁଦୁରାଚାରୋ ଭଜତେ** (9/30) |

୨. ଯଦି ବିସର୍ଗ ପୂର୍ବରେ **'ଅ'** ସ୍ୱର ଥାଏ ଏବଂ ପରେ **ଅକାର ବ୍ୟତିରେକ** କୌଣସି ବି ସ୍ୱର ଥାଏ ତେବେ ସେହି **ବିସର୍ଗ ର ଲୋପ** ହୋଇଯାଏ।

**# ଧ୍ୟାନ ରଖନ୍ତୁ କି ଏହି ନିୟମ ଅବ୍ୟୟ ବିଷୟରେ କାର୍ଯ୍ୟ କରିବ ନାହିଁ। ଏଥିପାଇଁ ୫ମ ନିୟମ ଦେଖନ୍ତୁ।**

| ପୂର୍ବ ବର୍ଣ୍ଣ | ବିସର୍ଗ | ପରବର୍ତ୍ତୀ ବର୍ଣ୍ଣ | ବିସର୍ଗ ର ପରିବର୍ତ୍ତିତ ରୂପ | ଉଦାହରଣ |
|---|---|---|---|---|
| ଅ | ଃ | ଅକାରଭିନ୍ନ ସ୍ୱର | ଲୋପ | **ମନଃ +ଆଧସ୍ୱ = ମନ ଆଧସ୍ୱ** (12/8) |

୩. ଯଦି ବିସର୍ଗ ପୂର୍ବରେ **'ଆ'** ସ୍ୱର ଥାଏ ଏବଂ ପରେ **ଯେକୌଣସି ସ୍ୱର** କିମ୍ବା **ମୃଦୁ ବ୍ୟଞ୍ଜନ** ଥାଏ ତେବେ ବିସର୍ଗ ର ଲୋପ ହୋଇଯାଏ। (କିଛି ପରମ୍ପରା ରେ ଏହି ନିୟମରେ କରାଯାଇଥିବା ବିସର୍ଗ ର ଲୋପ ଯଦି ଯତି ଜାଗାରେ ଆସିଯାଏ ତେବେ ତାହାର ଉଚ୍ଚାରଣ କରାଯାଇଥାଏ।)

**# ଧ୍ୟାନ ରଖନ୍ତୁ କି ଉପରେ ନିର୍ଦ୍ଦିଷ୍ଟ କରାଯାଇଥିବା ନିୟମ ଦୁଇଟି ରେ ଲୋପ ହୋଇଥିବା ବିସର୍ଗ ପରେ ଅବଶିଷ୍ଟ ସ୍ୱର ରେ କୌଣସି ବି ସ୍ୱର ସନ୍ଧି ହୁଏ ନାହିଁ।**

| ପୂର୍ବ ବର୍ଣ୍ଣ | ବିସର୍ଗ | ପରବର୍ତ୍ତୀ ବର୍ଣ୍ଣ | ବିସର୍ଗ ର ପରିବର୍ତ୍ତିତ ରୂପ | ଉଦାହରଣ |
|---|---|---|---|---|
| ଆ | ଃ | ଯେକୌଣସି ସ୍ୱର/ମୃଦୁବ୍ୟଞ୍ଜନ | ଲୋପ | **ମାୟୟାପହୃତଜ୍ଞାନାଃ +ଆସୁରମ୍ =ମାୟୟାପହୃତଜ୍ଞାନା ଆସୁରମ୍**(7/15) |


*ଗୀତା ପରିବାର ସାହିତ୍ୟ ର ଉପଯୋଗ ଅନ୍ୟ କୌଣସି ସ୍ଥାନରେ କରିବା ନିମନ୍ତେ ପୂର୍ବାନୁମତି ଆବଶ୍ୟକ । ଅନୁମତି ପାଇଁ ପୂର୍ଣ୍ଣ ପ୍ରୟୋଜନ consent@learngeeta.com ରେ ଆମ୍ଭଙ୍କୁ ମେଲ୍ କରନ୍ତୁ ।*

୪. ଯଦି ବିସର୍ଗ ପୂର୍ବରେ **'ଅ'** ଏବଂ **'ଆ' ବ୍ୟତିରେକ** ସ୍ୱର ଥାଏ ଏବଂ ପରେ **ଯେକୌଣସି ସ୍ୱର** ଆସୁଥାଏ କିମ୍ବା କୌଣସି ବି **ମୃଦୁ ବ୍ୟଞ୍ଜନ** ଆସୁଥାଏ ତେବେ ବିସର୍ଗ **'ର୍'** ରେ ପରିବର୍ତ୍ତିତ ହୋଇଯାଏ। ଏହିପରି ଭାବରେ ଆସୁଥିବା ବିସର୍ଗ ତାହାର ପରବର୍ତ୍ତୀ ସ୍ୱର ସହିତ ମିଶିଯାଏ ଏବଂ ଯଦି ବ୍ୟଞ୍ଜନ ଥାଏ ତେବେ ସେହି ବ୍ୟଞ୍ଜନ ଉପରେ ରେଫ୍ ମାତ୍ରା ଦିଆଯାଏ।

| ପୂର୍ବ ବର୍ଣ୍ଣ | ବିସର୍ଗ | ପରବର୍ତ୍ତୀ ବର୍ଣ୍ଣ | ବିସର୍ଗ ର ପରିବର୍ତ୍ତିତ ରୂପ | ଉଦାହରଣ |
|---|---|---|---|---|
| 'ଅ'/'ଆ' ବ୍ୟତିରେକ ସ୍ୱର | ଃ | ଯେକୌଣସି ସ୍ୱର/ମୃଦୁବ୍ୟଞ୍ଜନ | ର୍ | ଦୁଃ + ନିରୀକ୍ଷ୍ୟମ୍ = ଦୁର୍ନିରୀକ୍ଷ୍ୟମ୍ (11/17) |

୫. **ଅବ୍ୟୟ ରେ ଥିବା** ବିସର୍ଗ ପୂର୍ବରେ **ଯେକୌଣସି ବି ସ୍ୱର** ଥାଏ ଏବଂ ଯଦି ଏହା ପରେ **କୌଣସି ବି ସ୍ୱର** କିମ୍ବା **ରେଫ୍ ଭିନ୍ନ ମୃଦୁବର୍ଣ୍ଣ** ଆସୁଥାଏ ତେବେ ବିସର୍ଗ **'ର୍'** ହିଁ ହୋଇଯାଏ।

| ପୂର୍ବ ବର୍ଣ୍ଣ | ବିସର୍ଗ | ପରବର୍ତ୍ତୀ ବର୍ଣ୍ଣ | ବିସର୍ଗ ର ପରିବର୍ତ୍ତିତ ରୂପ | ଉଦାହରଣ |
|---|---|---|---|---|
| ଯେକୌଣସି ସ୍ୱର | ଃ | ଯେକୌଣସି ସ୍ୱର/ମୃଦୁବ୍ୟଞ୍ଜନ | ର୍ | ପୁନଃ + ଜନ୍ମ = ପୁନର୍ଜନ୍ମ (8/16) |

୬. ବିସର୍ଗ ପୂର୍ବରେ **ଯେକୌଣସି ବି ସ୍ୱର** ଏବଂ ପରେ **'ଚ୍'** କିମ୍ବା **'ଛ'** ବର୍ଣ୍ଣ ଯଦି ଆସୁଥାଏ ତେବେ ବିସର୍ଗ **'ଶ୍'** ରେ ପରିବର୍ତ୍ତିତ ହୋଇଯାଏ। **'ଟ୍'** କିମ୍ବା **'ଠ୍'** ବର୍ଣ୍ଣ ଆସିଲେ **'ଷ୍'** ରେ ଏବଂ **'ତ୍'** କିମ୍ବା **'ଥ୍'** ବର୍ଣ୍ଣ ଆସିଲେ **'ସ୍'** ରେ ପରିବର୍ତ୍ତିତ ହୋଇଯାଏ।

| ପୂର୍ବ ବର୍ଣ୍ଣ | ବିସର୍ଗ | ପରବର୍ତ୍ତୀ ବର୍ଣ୍ଣ | ବିସର୍ଗ ର ପରିବର୍ତ୍ତିତ ରୂପ | ଉଦାହରଣ |
|---|---|---|---|---|
| ଯେକୌଣସି ସ୍ୱର | ଃ | ଚ୍ / ଛ୍ | ଶ୍ | ଯୋଗିନଃ + ଚୈନମ୍ = ଯୋଗିନଶ୍ଚୈନମ୍ (15/11) |
| | | ଟ୍ / ଠ୍ | ଷ୍ | ଧନୁଃ + ଟଙ୍କାର = ଧନୁଷ୍ଟଙ୍କାର |
| | | ତ୍ / ଥ୍ | ସ୍ | ହନୂମଃ + ତନ୍ତ୍ରେ = ହନୂମସ୍ତନ୍ତ୍ରେ (1/46) |

୭. ଯଦି ବିସର୍ଗ ପରେ 'କ୍' କିମ୍ବା 'ଖ୍' ଏହି ବର୍ଣ୍ଣ ଆସୁଥାଏ, ତେବେ ସେହି ବିସର୍ଗ ର ଉଚ୍ଚାରଣ ଠିକେ 'ଖ୍' ପରି କରିବା ଦରକାର।

**# ଧ୍ୟାନ ରଖନ୍ତୁ କି ଉଚ୍ଚାରଣ 'ଖ୍' ପରି କରିବା ଦରକାର, 'ଖ୍' ନୁହେଁ।**

| ପୂର୍ବ ବର୍ଣ୍ଣ | ବିସର୍ଗ | ପରବର୍ତ୍ତୀ ବର୍ଣ୍ଣ | ବିସର୍ଗ ର ପରିବର୍ତ୍ତିତ ରୂପ | ଉଦାହରଣ |
|---|---|---|---|---|
| ଯେକୌଣସି ସ୍ୱର | ଃ | କ୍ / ଖ୍ | ଖ୍ ର ଧ୍ୱନି | ମୈତ୍ରଃ + କରୁଣ - ମୈତ୍ରଃ(ଖ୍) କରୁଣ (12/13) |

୮. ଯଦି ବିସର୍ଗ ପରେ 'ପ୍' କିମ୍ବା 'ଫ୍' ଏହି ବର୍ଣ୍ଣ ଆସୁଥାଏ, ତେବେ ସେହି ବିସର୍ଗ ର ଉଚ୍ଚାରଣ ଠିକେ 'ଫ୍' ପରି କରିବା ଦରକାର।

**# ଧ୍ୟାନ ରଖନ୍ତୁ କି ଉଚ୍ଚାରଣ 'ଫ୍' ପରି କରିବା ଦରକାର 'ଫ୍' ନୁହେଁ।**

| ପୂର୍ବ ବର୍ଣ୍ଣ | ବିସର୍ଗ | ପରବର୍ତ୍ତୀ ବର୍ଣ୍ଣ | ବିସର୍ଗ ର ପରିବର୍ତ୍ତିତ ରୂପ | ଉଦାହରଣ |
|---|---|---|---|---|
| ଯେକୌଣସି ସ୍ୱର | ଃ | ପ୍ / ଫ୍ | 'ଫ୍' ର ଧ୍ୱନି | ତତଃ + ପଦମ୍ = ତତଃ(ଫ୍) ପଦମ୍ (15/4) |

**|| ଇତି ||**


*ଗୀତା ପରିବାର ସାହିତ୍ୟ ର ଉପଯୋଗ ଅନ୍ୟ କୌଣସି ସ୍ଥାନରେ କରିବା ନିମନ୍ତେ ପୂର୍ବାନୁମତି ଆବଶ୍ୟକ । ଅନୁମତି ପାଇଁ ପୂର୍ଣ୍ଣ ପ୍ରୟୋଜନ consent@learngeeta.com ରେ ଆମ୍ଭଙ୍କୁ ମେଲ୍ କରନ୍ତୁ ।*